# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 06 February – 2026

*******************************

## ମୁଖ୍ୟ ସମ୍ବାଦ

- ରାଜ୍ୟକୁ ଡିଜିଟାଲ ଓ ଫିନ୍‌ଟେକ୍ କ୍ଷେତ୍ରରେ ବ୍ଲାକ୍‌ସ୍ୱାନ୍ ଶିଖର ସମ୍ମିଳନୀ ଏକ ବୈଶ୍ୱିକ କେନ୍ଦ୍ରରେ ପ୍ରତିଷ୍ଠିତ କରାଇବ : କହିଲେ ରାଷ୍ଟ୍ରପତି ।
- ପରୀକ୍ଷା ସମୟରେ ଛାତ୍ରଛାତ୍ରୀମାନଙ୍କୁ ଚାପ ଓ ଚିନ୍ତାମୁକ୍ତ ରହିବା ଲାଗି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ଅଧୀନରେ ଅବ୍ୟବହୃତ ସରକାରୀ ଗୃହକୁ ସୁଲଭ ଭଡ଼ାଗୃହରେ ପରିଣତ ପାଇଁ ରାଜ୍ୟ ସରକାରଙ୍କ ପ୍ରକ୍ରିୟା ଆରମ୍ଭ ।

ଏବଂ

- ରାୟଗଡ଼ା ଓ ଫୁଲବାଣୀ ପୋଲିସ୍ ନିକଟରେ ୧୯ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ ।

# ବ୍ଲାକ୍‌ସ୍ୱାନ୍ ସମିଟ୍

ଦକ୍ଷତା ବିକାଶ ଓ ଉଦ୍ଭାବନ କ୍ଷମତା ବୃଦ୍ଧିକୁ ମାନବ ସମ୍ପଦରେ ନିବେଶ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ବ୍ଲାକ୍-ସ୍ୱାନ୍ ସମିଟ୍ ଇଣ୍ଡିଆ-୨୦୨୬ରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ବର୍ତ୍ତମାନ ସମୟରେ ପ୍ରଯୁକ୍ତି ଅଭୁତପୂର୍ବ ଗତିରେ ବିକାଶ ହେଉଛି। ନୂତନ ଉଦ୍ଭାବନ ସହ ବ୍ୟବସ୍ଥା, ଦକ୍ଷତା ଓ ବ୍ୟବସାୟ ତାଳ ମିଳାଇ ଅଗ୍ରସର ହେଉଛି। ଏହି ମଞ୍ଚରେ ପ୍ରଯୁକ୍ତିକୁ ଦକ୍ଷତା ବୃଦ୍ଧି, ନିଯୁକ୍ତି ସୃଷ୍ଟି ଓ ଡିଜିଟାଲ ଆର୍ଥିକ ପରିବର୍ତ୍ତନ ପାଇଁ ବ୍ୟବହାର କରିବାର ନୂତନ ଉପାୟ ଅନୁସନ୍ଧାନ କରାଯାଇପାରିବ। ଗତ ଦଶନ୍ଧିରେ ଦେଶରେ ଆର୍ଥିକ ବ୍ୟବସ୍ଥାରେ ଏକ ବିପ୍ଳବ ଘଟିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି। ସିଧାସଳଖ ଲାଭ ହସ୍ତାନ୍ତର ଓ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା କୃଷକ ଓ ମହିଳାମାନଙ୍କ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଆଣିଛି। ଉଦ୍ୟୋଗୀ ଓ ଉଦ୍ଭାବକମାନଙ୍କୁ ପ୍ରଯୁକ୍ତିକୁ ସାମାଜିକ ନ୍ୟାୟ ଓ ଅନ୍ତର୍ଭୁକ୍ତିକରଣ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି। ବିଦ୍ୟାଳୟ ପାଠ୍ୟକ୍ରମରେ ଏହାକୁ ଅନ୍ତର୍ଭୁକ୍ତ କରାଯିବା ଉଚିତ। ରାଜ୍ୟ ସରକାର ଭାରତ-ନେତ୍ର ଉଦ୍ୟୋଗ ଅଧିନରେ ଡିଜିଟାଲ, ଫାଇନାନ୍ସିଆଲ ଓ ଇନ୍‌ସ୍ୟୁରାନ୍ସ ଟେକ୍ନୋଲୋଜି କ୍ଷେତ୍ରରେ ଭବିଷ୍ୟତ ପ୍ରସ୍ତୁତ କର୍ମଶକ୍ତି ଓ ଉଦ୍ଭାବନ ଭିତ୍ତିଭୂମି ନିର୍ମାଣ କରିଛନ୍ତି।

ରାଜ୍ୟକୁ ଡିଜିଟାଲ ଓ ଫିନ୍‌ଟେକ୍ କ୍ଷେତ୍ରରେ ଏକ ଗ୍ଲୋବାଲ ହବ୍ ଭାବେ ପ୍ରତିଷ୍ଠିତ କରାଇବାରେ ଏହି ସମ୍ମିଳନୀ ସହାୟକ ହେବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଓଡ଼ିଶା ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଦାୟିତ୍ୱପୂର୍ଣ୍ଣ ଅନ୍ତର୍ଭୁକ୍ତିମୂଳକ ଏବଂ କାର୍ଯ୍ୟାନ୍ୱୟନ ଚାଳିତ ବ୍ୟବହାର ମାଧମରେ ଦେଶର ଡିଜିଟାଲ ଏବଂ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେବାପାଇଁ ଦୃଢ଼ ପ୍ରତିବଦ୍ଧ। ଭାରତ-ନେତ୍ର କାର୍ଯ୍ୟକ୍ରମ ଅଧିନରେ ଆଗାମୀ ପାଞ୍ଚବର୍ଷ ମଧ୍ୟରେ ୭ ହଜାରରୁ ଉର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରାଯିବ।

**- V/O –**

Desk

## ପରୀକ୍ଷା ପେ ଚର୍ଚ୍ଚା-ପ୍ରଧାନମନ୍ତ୍ରୀ

ପରୀକ୍ଷା ସମୟରେ ଛାତ୍ରଛାତ୍ରୀମାନଙ୍କୁ ଚାପ ଓ ଚିନ୍ତାମୁକ୍ତ ରହିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରାମର୍ଶ ଦେଇଛନ୍ତି। ଆଜି ପୂର୍ବାହ୍ଣରେ ନୂଆଦିଲ୍ଲୀଠାରେ ପରୀକ୍ଷା ପେ' ଚର୍ଚ୍ଚାର ୯ମ ସଂସ୍କରଣରେ ଛାତ୍ରଛାତ୍ରୀମାନଙ୍କ ସହିତ ଭାବ ବିନିମୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଏକ ସ୍ୱତନ୍ତ୍ର ଶୈଳୀ ରହିଛି ଏବଂ ନିଜ ପ୍ରସ୍ତୁତି ଶୈଳୀ ଉପରେ ବିଶ୍ୱାସ ରହିବା

ଜରୁରୀ। ଛାତ୍ରଛାତ୍ରୀମାନେ ଶିକ୍ଷକ, ଅଭିଭାବକ ଏବଂ ପରାମର୍ଶଦାତାଙ୍କ ପରାମର୍ଶଗୁଡ଼ିକୁ ଧ୍ୟାନର ସହ ଶୁଣିବା ଉଚିତ୍। ତେବେ ଯେକୌଣସି ପରାମର୍ଶରେ ନିଜର ଅଭିଜ୍ଞତା ଏବଂ ଆତ୍ମବୁଝାମଣା ଯୋଡିବାକୁ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଛନ୍ତି।

ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଜୀବନ କେବଳ ପରୀକ୍ଷା ଏବଂ ମାର୍କ ମଧ୍ୟରେ ସୀମିତ ନୁହେଁ। ଶରୀର ଓ ମନର ବିକାଶ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ନିଜର ଦୈନନ୍ଦିନ କାର୍ଯ୍ୟରେ ବ୍ୟାୟାମ, ଯୋଗ, ପୁଷ୍ଟିକର ଖାଦ୍ୟ, ପର୍ଯ୍ୟାପ୍ତ ବିଶ୍ରାମ ଏବଂ ମାନସିକ ଶାନ୍ତି ସାମିଲ କରିବାକୁ ଶ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରିଛନ୍ତି।

Gajapati, Boudh, Nayagarh, Subarnapur, Nuapada

## ପରୀକ୍ଷା ପେ' ଚର୍ଚ୍ଚା – ଛାତ୍ରଛାତ୍ରୀ

ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ସାରା ଦେଶରେ ୪ କୋଟି ୫୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ ଏବଂ ଅଭିଭାବକ ଭାଗ ନେଇଛନ୍ତି।

ଗଜପତି ଜିଲ୍ଲାର ସଦର ମହକୁମା ପାରଳାଖେମୁଣ୍ଡି ଉପଖଣ୍ଡରେ ଥିବା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏଥିରେ

ଦୁଇ ବିଦ୍ୟାଳୟର ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ।

ବୌଦ୍ଧ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଓ ପିଏମ୍‌ଶ୍ରୀ ନବୋଦୟ ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ ଆଜି ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି।

ନୟାଗଡ଼ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅନୁଷ୍ଠିତ ଏହି ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରୀକ୍ଷା ସମ୍ପର୍କିତ ବକ୍ତବ୍ୟ ଓ ସଫଳତାର ମନ୍ତ୍ର ଶୁଣିଥିଲେ।

ସୁବର୍ଣ୍ଣପୁର ଜିଲ୍ଲା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ' ଚର୍ଚ୍ଚା କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ଶୁଣିଛନ୍ତି।

ଖଡ଼ିଆଳ କେନ୍ଦ୍ରୀୟ ବିଦ୍ୟାଳୟର ବିଦ୍ୟାର୍ଥୀମାନେ ପ୍ରଧାନମନ୍ତ୍ରୀଙ୍କ ଉପଦେଶକୁ ଶୁଣିବା ସହ ପରୀକ୍ଷାକୁ ସହଜ ଏବଂ ସରଳ ଭାବେ ଗ୍ରହଣ ପାଇଁ ଅନୁପ୍ରାଣିତ ହୋଇଛନ୍ତି।

Desk

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ଅଧିନରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଲି ଏବଂ ଅବ୍ୟବହୃତ ସରକାରୀ ଗୃହକୁ ସୁଲଭ ଭଡ଼ାଗୃହରେ ପରିଣତ କରିବା ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବିଭିନ୍ନ ବିଭାଗର ଖାଲିଘର ସଂକ୍ରାନ୍ତରେ ସୂଚନା ଦେବାପାଇଁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ପତ୍ର ଲେଖି ଅନୁରୋଧ କରିଛନ୍ତି। ଚିହ୍ନଟ ହୋଇଥିବା ସମ୍ପତ୍ତି ସମ୍ପର୍କିତ ତଥ୍ୟଗୁଡ଼ିକୁ ଓଡ଼ିଶା ଅର୍ବାନ ହାଉସିଂ ମିଶନ୍‌କୁ ପ୍ରଦାନ କରିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ତଥ୍ୟ ସଂଗ୍ରହ ପରେ ଚିହ୍ନଟ ଗୃହଗୁଡ଼ିକୁ ପୁନଃନିର୍ମାଣ ତଥା ମରାମତି କରି ବାସ ଉପଯୋଗୀ କରାଯିବା ପରେ ପର୍ଯ୍ୟାୟକ୍ରମେ ଭଡ଼ା ଆବାସ ଭାବରେ ଉପଲବ୍ଧ କରାଯିବ। ସୁଲଭ ଭଡ଼ାଘର କାର୍ଯ୍ୟକ୍ରମ ଦୁଇଟି ମଡ଼େଲ ମାଧ୍ୟମରେ କାର୍ଯ୍ୟକାରୀ ହେବ। ଯୋଜନା ଅଧିନରେ ଭଡ଼ା ନିର୍ଦ୍ଧାରଣ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାରମ୍ଭିକ ଭାବେ କରାଯିବ।

Rayagada, Kandhamal

## ମାଓବାଦୀ ଆତ୍ମସମର୍ପଣ

ରାୟଗଡ଼ା ପୋଲିସ ନିକଟରେ ଆଜି ବଂଶଧାରା-ନାଗାବଳୀ-ଘୁମସର ଡିଭିଜନର ୧୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଦୁଇଟି ଏକେ-୪୭ ରାଇଫଲ ସମେତ ବହୁ ଅସ୍ତ୍ରଶସ୍ତ୍ର ସହ ସେମାନେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ଏହି ମାଓବାଦୀମାନେ କନ୍ଧମାଳ ଓ ରାୟଗଡ଼ା ଜିଲ୍ଲା ସୀମାନ୍ତରେ ସକ୍ରିୟ ଥିଲେ।

ଫୁଲବାଣୀ ରିଜର୍ଭ ପୋଲିସ୍ ପଡିଆଠାରେ ଆଜି କନ୍ଧମାଳ ଏସ୍.ପି. ହରିଶ ବିଶି ଏବଂ ଆଇ.ଜି.' ପି. ନୀତିଶେଖରଙ୍କ ଉପସ୍ଥିତିରେ ଚାରିଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ନିକଟରୁ ବହୁ ପରିମାଣର ମାଓ ସାମଗ୍ରୀ ଉଦ୍ଧାର କରାଯାଇଛି । ଏଥିସହ ବୌଦ୍ଧ ଜିଲ୍ଲାକୁ ସମ୍ପୂର୍ଣ୍ଣ ମାଓମୁକ୍ତ ଜିଲ୍ଲା ଭାବେ ଘୋଷଣା କରାଯାଇଛି ।

Desk

## ଫାଇଲେରିଆ ନିରାକରଣ

ରାଜ୍ୟରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ମଙ୍ଗଳବାରଠାରୁ ଆରମ୍ଭ ହେବ । ଏ ନେଇ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଗଣମାଧ୍ୟମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ୭ ଲକ୍ଷ ୪୦ ହଜାର ଲୋକଙ୍କୁ ଫାଇଲେରିଆ ନିରୋଧୀ ଔଷଧ ପ୍ରଦାନ କରାଯିବ । ବଲାଙ୍ଗୀର, ବରଗଡ଼, ଢେଙ୍କାନାଳ, ଯାଜପୁର, ଗଞ୍ଜାମ ଜିଲ୍ଲାରେ ୧୦ରୁ ୧୯ ତାରିଖ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହ କୃମିନାଶକ ଦିବସ ପାଳନ କରାଯିବ ।

Desk

## ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୯ ତାରିଖ ଦିନ ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱର ୟୁନିଟ୍-୨ ଅଶୋକନଗରସ୍ଥିତ ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଅଭିଯୋଗ ଶୁଣାଣି ପାଇଁ ଆଜି ଅନଲାଇନ ସ୍ଲଟ ବୁକିଂ ଶେଷ ହୋଇଛି। ଅପରାହ୍ଣ ୫ଟା ସୁଦ୍ଧା ୧ ହଜାର ଜଣ ପଞ୍ଜୀକରଣ କରିଥିବା ଜଣାପଡ଼ିଛି।

Nayagarh

## କାୟାକଳ୍ପ ଟିମ୍ ପରିଦର୍ଶନ

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ କାର୍ଯ୍ୟ କରୁଥିବା କାୟାକଳ୍ପ ଟିମ୍ ଆଜି ନୟାଗଡ଼ ଜିଲ୍ଲା ଭାପୁର ଏବଂ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଦଳ' ସରକାରଙ୍କ ତରଫରୁ ଡାକ୍ତରଖାନାକୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସରଞ୍ଜାମ, ବହିର୍ବିଭାଗ, ଟୀକାକରଣ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନତା, ବର୍ଜ୍ୟବସ୍ତୁ ପରିଚାଳନା ଆଦି କାର୍ଯ୍ୟ ତଦାରଖ କରିଥିଲେ।

Rayagada

## ୨୦୨୭ ଜନଗଣନା ପ୍ରସ୍ତୁତି

ରାୟଗଡ଼ା ଜିଲ୍ଲାପରିଷଦ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ୨୦୨୭ ଜନଗଣନାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

Nuapada

## ଖଡିଆଲ ମହୋତ୍ସବ

ନୂଆପଡା ଜିଲ୍ଲା ଖଡ଼ିଆଳସ୍ଥିତ ଇନ୍‌ଡୋର ଷ୍ଟାଡିୟମଠାରେ ଖଡିଆଳ ମହୋତ୍ସବ ୨୦୨୬ ପାଳନ ଅବସରରେ ମାଗଣା ହାଇଟେକ୍ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି ।

Nuapada

## ନୂଆପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ

ନୂଆପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲାପରିଷଦର ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦ୍‌ଭାବନା ସଭାଗୃହରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ପ୍ରତି ଅସଦାଚରଣ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ।

Boudh

## ବୃତ୍ତିଗତ ପଥ ପ୍ରଦର୍ଶନ

ବୌଦ୍ଧ ଯୋଗୀନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲାର ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦୁଇଦିନିଆ ବୃତ୍ତିଗତ ପଥ ପ୍ରଦର୍ଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି ।

Nayagarh

## ବାଲ୍ୟବିବାହ ନିରାକରଣ କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲାରେ ବାଲ୍ୟବିବାହ ନିରାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ପ୍ରମୁଖ ଯୋଗଦେଇ ବାଲ୍ୟବିବାହ ନିରାକରଣ ଓ

ତାହାର ଦୃଢ଼ ପ୍ରତିରୋଧ ନିମନ୍ତେ ଜିଲ୍ଲାସ୍ତରରେ ସମୂହ ଶପଥଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ ।